ଧରିତ୍ରୀ
DHARITRI
ବୁଧବାର, ୩୧ ମାର୍ଚ୍ଚ, ୨୦୨୧

**ବାଲି ବୋଝେଇ ଗାଡ଼ିରୁ ଜରିମାନା**

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ତୁରୁମୁଙ୍ଗା ଥାନା ସମ୍ମୁଖରୁ ଏକ ବେଆଇନ ବାଲି ବୋଝେଇ ହାଇୱା ଓ କୋଇଣ୍ଡାରୁ କ୍ଷୀରେଇ ଟାଙ୍ଗିରି ରାସ୍ତାରୁ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ତୁରୁମୁଙ୍ଗା ପୋଲିସ ଜବତ କରିଥିଲା। ପାଟଣା ତହସିଲ ପକ୍ଷରୁ ହାଇୱାରୁ ୩୦ ହଜାର ଓ ଟ୍ରାକ୍ଟରରୁ ୧୦ ହଜାର ଟଙ୍କା ର ଜରିମାନା ଆଦାୟ କରାଯାଇଛି।



## ସଂକ୍ଷେପରେ

### କେନାଲରୁ ଭାଲୁର ମୃତଦେହ ଜବତ

ପାଟଣା,୩୦।୩(ସ୍ୱ.ପ୍ର.):କେନ୍ଦୁଝର ଜିଲା ପାଟଣା ରେଞ୍ଜ ପୋଇପାଣି ବିଟ ଦାରିକାପଶି ଗାଁ ନିକଟ କେନାଲରୁ ସୋମବାର ଏକ ଭାଲୁର ମୃତଦେହକୁ ବନ ବିଭାଗ ଜବତ କରିଛି। କେନାଲରେ ଭାଲୁର ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ଫରେଷ୍ଟଗାର୍ଡ ତପସ୍ୱିନୀ ନାୟକ ପହଞ୍ଚି ମୃତ ଭାଲୁକୁ ରେଞ୍ଜ କାର୍ଯ୍ୟାଳୟକୁ ଆଣିଛନ୍ତି। ଉକ୍ତ ଭାଲୁର ମୁହଁରେ ଗଭୀର କ୍ଷତ ଥିବା ଦେଖିଇବାକୁ ମିଳିଛି। ମଙ୍ଗଳବାର ଭାଲୁର ମୃତଦେହ ବ୍ୟବଚ୍ଛେଦ ପରେ ରେଞ୍ଜ କାର୍ଯ୍ୟାଳୟ ପରିସରରେ ପୋତା ଯାଇଥିବା ରେଞ୍ଜର ପବିତ୍ର ମୋହନ ନାଏକ ସୂଚନା ଦେଇଛନ୍ତି।

### ପାଣିରେ ବୁଡ଼ି ଜୀବନ ଗଲା

ଆନନ୍ଦପୁର,୩୦।୩ (ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ବାଉଁଶଗଡରେ ଥିବା କେନାଲରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜଙ୍ଘାର ଗ୍ରାମର ବିଶ୍ୱଭୂଷଣ ଘଡ଼େଇ। ତାଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ସୋମବାର ବିଶ୍ୱଭୂଷଣ ସାଙ୍ଗମାନଙ୍କ ସହିତ ନିକଟସ୍ଥ ବାଉଁଶଗଡ କେନାଲକୁ ଗାଧୋଇବାକୁ ଯାଇଥିଲେ। ସାଙ୍ଗମାନଙ୍କୁ ତାଙ୍କର ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ଦେଇ ଗାଧୋଉଥିଲେ। କିଛି ସମୟ ଧରି ବିଶ୍ୱଭୂଷଣ ପାଣିରୁ ନ ବାହାରିବାରୁ ସାଙ୍ଗମାନେ ସନ୍ଦେହ କରି ବହୁତ ଖୋଜାଖୋଜି କରିଥିଲେ। ନିରାଶ ହେବା ପରେ ଆନନ୍ଦପୁର ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ଅଗ୍ନିଶମ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଦେଢଘଣ୍ଟା ଧରି ଖୋଜାଖୋଜି କରିବା ପରେ ପାଣିରୁ ତାଙ୍କୁ ଉଦ୍ଧାର କରାଯାଇ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ନଦୀରେ ଭାସୁଛି ଯୁବତୀଙ୍କ ମୃତଦେହ

ରୂପ୍‌ସା,୩୦।୩(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ବରଢ଼ିହା ଗାଁ ନିକଟ ଜଳକା ନଦୀରେ ରବିବାର ସନ୍ଧ୍ୟାରେ ଜଣେ ଯୁବତୀଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଗାଁ ଲୋକେ ଜଣେ ଖବରଦାତାଙ୍କ ମାଧମରେ ବସ୍ତା ଥାନା ପୋଲିସକୁ ଖବର ଦେଇଥିଲେ। ସୋମବାର ସନ୍ଧ୍ୟା ସୁଦ୍ଧା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି। ମୃତଦେହ ନଦୀସ୍ରୋତରେ ଭାସିଯାଇଥିବାରୁ ଏଯାବତ୍ କୌଣସି ସନ୍ଧାନ ମିଳିପାରିନାହିଁ। ବନରକ୍ଷୀ ତ୍ରିନାଥ ଜେନା, ନଗେନ୍ଦ୍ର ଜେନା, ନିରୁପମା ମହାନ୍ତ, ଆଶାମଣି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପାହାଡ଼ ଉପରୁ ଗଳିତ ମୃତଦେହ ଜବତ

ଠାକୁରମୁଣ୍ଡା ,୩୦।୩ (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଅନ୍ତର୍ଗତ ଭାଲିଆଡାଳ ଗ୍ରାମ ନିକଟବର୍ତ୍ତୀ ଦେଉଳ ପାହାଡ଼ ଉପରୁ ମଙ୍ଗଳବାର ପୋଲିସ ଗଳିତ ମୃତଦେହ ଜବତ କରିଛି। ସ୍ଥାନୀୟ ଲୋକ ସକାଳେ ମଇଁଷି ଚରାଇବାକୁ ଜଙ୍ଗଲ ଭିତରକୁ ଯାଇଥିବା ସମୟରେ ପାହାଡ଼ର ପ୍ରାୟ ଏକ ହଜାର ଫୁଟ୍ ଉପରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରପାଇ ଥାନା ଆଇଆଇସି ଜୟନ୍ତ କୁମାର ବେହେରାଙ୍କ ସମେତ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମୃତକଙ୍କ ପରିଚୟ ମିଳିପାରି ନାହିଁ।

### ମହିଳାଙ୍କଠାରୁ ସୁନାହାର ଲୁଟ୍ ଉଦ୍ୟମ

ବାଲେଶ୍ୱର ଅଫିସ, ୩୦।୩: ବାଲେଶ୍ୱର ସହର ଜେଲ ରୋଡ୍ ନିକଟସ୍ଥ ପ୍ରଜାପତି ବ୍ରହ୍ମକୁମାରୀ ଆଶ୍ରମ ଆଗରେ ସୋମବାର ଜଣେ ମହିଳା ପ୍ରାତଃ ଭ୍ରମଣ କରୁଥିବା ବେଳେ ଜଣେ ଯୁବକ ତାଙ୍କ ବେକରୁ ସୁନାହାର ଲୁଟ୍ ଉଦ୍ୟମ କରିଥିଲେ। ମହିଳା ଜଣକ ପାଟି କରିବାରୁ ଆଶ୍ରମର ସିଦ୍ଧେଶ୍ୱର ଗାଆଁଣ ନାମକ ବ୍ୟକ୍ତି ଯୁବକଙ୍କୁ ଧରି ପକାଇଥିଲେ। ଯୁବକ ଜଣକ ତାଙ୍କୁ ଛୁରୀ ଭୁଷି ଦେଇଥିଲେ। ସେ ପଳାଇବାକୁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଛୁରାମାଡ଼ ପରେ ଗାଆଁଣ ଅଚେତ୍ ହୋଇଯିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଟାଉନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଦୃଢ଼ ଇଚ୍ଛାଶକ୍ତି ଦେଇଛି ପରିଚୟ

## ୧୬ଶହ ମହିଳା ଏବେ ସ୍ୱାବଲମ୍ବୀ

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୩୦।୩

ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ କଷିପଦା ପଞ୍ଚାୟତରେ ପ୍ରାୟ ୧୬ଶହ ମହିଳା ଏବେ ସ୍ୱାବଲମ୍ବୀ। ରାଜ୍ୟ ସରକାରଙ୍କ ମିଶନ ଶକ୍ତି ସେମାନଙ୍କୁ ସଶକ୍ତିକରଣ କରିବାରେ ସହାୟକ ହେଉଥିବା ବେଳେ ସେମାନଙ୍କର ଦୃଢ଼ ଇଚ୍ଛାଶକ୍ତି ଓ ନିଷ୍ଠା ସଫଳତା ଆଡ଼କୁ ଆଗେଇ ନେଇଛି। କଷିପଦା ଗ୍ରାମରେ ମହିଳାମାନେ ସ୍ୱୟଂ ସହାୟିକା ଗୋଷ୍ଠୀ ତିଆରି କରି ମିଶନ ଶକ୍ତି ଯୋଜନାରେ ଓରମାସ୍ ମାଧ୍ୟମରେ ମାଛ, କୁକୁଡ଼ା, ଛତୁ ଚାଷ, ମହୁ ଉତ୍ପାଦନ, ଟେରାକୋଟା ଓ ଝୋଟ ଆଦିରେ ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ ତିଆରି କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ନୂଆ ଓଡ଼ିଶାର ନୂଆ ପରିକଳ୍ପନାରେ ନିଜକୁ ଜଣେ ଜଣେ ଯୋଦ୍ଧା ଭାବରେ ପ୍ରସ୍ତୁତ କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି।

ଓର୍‌ମାସ ଦ୍ୱାରା ସ୍ୱୀକୃତିପ୍ରାପ୍ତ 'ଜୀବନ ସାଗର ପ୍ରତ୍ୟୁଷର ଗ୍ରୁପ୍'ରେ ବିଭିନ୍ନ ଏସ୍ଏଚ୍‌ଜିର ବଛା ବଛା ୨୨ ଜଣ ମହିଳା ସାମିଲ ହୋଇଛନ୍ତି। ଏମାନେ ମହୁ ଉତ୍ପାଦନ ସହ ମାଛ ଓ କୁକୁଡ଼ା ଚାଷ କରିଥାନ୍ତି। ପ୍ରତି ୩ ମାସରେ ପୋଖରୀରୁ ପାଖାପାଖି ୭ରୁ ୮ କୁଇଣ୍ଟାଲ ମାଛ ବିକ୍ରି କରିଥାନ୍ତି। ପୋଖରୀ ପୁନରୁଦ୍ଧାର, ମାଛ ଦାନା ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ବାବଦକୁ ଯେଉଁ ଖର୍ଚ୍ଚ ହୁଏ ବିକ୍ରି ଟଙ୍କାରୁ ଦିଆଯିବା ପରେ ବଳକା ଟଙ୍କା ସମସ୍ତ ସଦସ୍ୟ ବାଣ୍ଟି ନେଇଥାନ୍ତି। ସେହିପରି ସଦସ୍ୟାଙ୍କ ମିଳିତ ଉଦ୍ୟମରେ ୧୨୦ଟି ମହୁ ବାକ୍ସ ନିଜ ନିଜ ବାଡ଼ିରେ ବସାଇ ମହୁ ଉତ୍ପାଦନ କରୁଛନ୍ତି। ମହୁ ବକ୍ସରେ ମହୁମାଛି ରହିବାଠାରୁ ଆରମ୍ଭ କରି ମହୁ ସଂଗ୍ରହ ଓ ଏହାକୁ ପ୍ରକ୍ରିୟାକରଣ କରିବା ସବୁ କାର୍ଯ୍ୟ ଏହି ମହିଳାମାନେ ନିଜେ ହିଁ କରିଥାଆନ୍ତି। ମହୁ ଘରାରୁ ମହୁ ସଂଗ୍ରହ ପରେ ଉତ୍ପାଦିତ ମହୁକୁ ଅନ୍ୟତ୍ର ରଖି ସ୍ଥାନୀୟ ବଜାର ଓ ସୋସାଇଟିରେ ବିକ୍ରି କରି ବେଶ୍ ଭଲ ଦି ପଇଶା ରୋଜଗାର କରିପାରୁଛନ୍ତି। ପରିବାରର ଆର୍ଥିକ ସଙ୍କଟରେ ସହାୟତା କରିବା ସହ ପିଲାମାନଙ୍କର ପାଠପଢ଼ା ଏବଂ ନିଜ ଖର୍ଚ୍ଚ ବହନ କରିବାରେ ସକ୍ଷମ ହୋଇପାରିଥିବା ବାସନ୍ତୀ ଦାସ, ମାନସୀ ପଣ୍ଡା ଓ ଜୟନ୍ତୀ ଦାସ ପ୍ରମୁଖ ପ୍ରକାଶ କରିଛନ୍ତି।


ମହିଳାଙ୍କ ଦ୍ୱାରା ମାଛ ଚାଷ।

ଅନ୍ୟ ଏକ ଗ୍ରୁପ୍‌ରେ ପଞ୍ଚାୟତର ୪୨ଜଣ ମହିଳା ଛତୁ ଚାଷ କରୁଛନ୍ତି। ସବୁ ଋତୁରେ ଉପଲବ୍ଧ ହେବା ଭଳି ଛତୁ ଚାଷ କରି ବେଶ ରୋଜଗାରକ୍ଷମ ହୋଇପାରିଛନ୍ତି। ଏଥିପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡ଼େ ନାହିଁ। ଉନ୍ନତ ଜ୍ଞାନକୌଶଳ ଦ୍ୱାରା ଏହି ମହିଳାମାନେ ଛତୁ ଚାଷ କରି ମିଶନ ଶକ୍ତି ସହାୟତରେ ସମସ୍ତ ସୁବିଧା ପାଇପାରିଥିବା ନେଇ ନିରୁପମା ବେହେରା କହିଛନ୍ତି।

ସେହିପରି ଅନ୍ୟ ଏକ ଗ୍ରୁପ୍‌ରେ ୧୫ ଜଣ ମହିଳା ସାମିଲ ହୋଇ ଉନ୍ନତ ଜ୍ଞାନକୌଶଳ ଦ୍ୱାରା ଝୋଟରୁ ବିଭିନ୍ନ ଉତ୍ପାଦ ସମାଗ୍ରୀ ଓ ଘରକରଣା ସାଜସଜ୍ଜା ପ୍ରସ୍ତୁତ କରନ୍ତି। ଯାହାକି ଦେଖିବାକୁ ଖୁବ୍ ସୁନ୍ଦର, ଆକର୍ଷଣୀୟ ଓ ସୁଲଭ ମୁଲ୍ୟରେ ଉପଲବ୍ଧ। ଝୋଟକୁ ପଡ଼ୋଶୀ ରାଜ୍ୟ କୋଲକାତା ଓ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରୁ ଆଣିଥାନ୍ତି। ଝୋଟକୁ ପ୍ରଥମେ ପ୍ରକ୍ରିୟାକରଣ କରି ପରେ ବିଭିନ୍ନ ରଙ୍ଗରେ ଡିଜାଇନର ଉପକରଣ ତିଆରି କରନ୍ତି। ଆଉ ଏସବୁ ସାମଗ୍ରୀକୁ ବିଭିନ୍ନ ଷ୍ଟଲ ମାଧ୍ୟମରେ ହେଉ କିମ୍ବା ମେଳା ମହୋତ୍ସବରେ ବିକ୍ରି କରି ବେଶ୍ ଲାଭବାନ ହୋଇଥିବା ପ୍ରମିଳା ବଗୁଡାଇ, ଅଞ୍ଜନା ବେହେରା କହିଛନ୍ତି।

ଅନ୍ୟପକ୍ଷରେ ଏଠାକାର ଟେରାକୋଟା ସମାଗ୍ରୀ ବଜାରରେ ବେଶ୍ ଆଦୃତ ହୋଇପାରିଛି। ସ୍ଥାନୀୟ କୁମ୍ଭକାର ପରିବାର ପ୍ରଥମେ କେବଳ ମାଟି ହାଣ୍ଡି ଭିତରେ ସୀମିତ ରହିଥିଲେ। ପରେ ସ୍ୱୟଂସହାୟକ ଗୋଷ୍ଠୀରେ ସାମିଲ ହେବାପରେ ମିଶନ ଶକ୍ତି ଦ୍ୱାରା ସେମାନଙ୍କୁ ଉନ୍ନତ ମାନର ତାଲିମ ପ୍ରଦାନ ପରେ ଏବେ ସେମାନେ ନିଜର କୌଳିକବୃତ୍ତିକୁ ବେଶ ପରିବର୍ତ୍ତନ କରିବାରେ ସକ୍ଷମ ହୋଇଛନ୍ତି। ଏବେ ସେମାନେ ଟେରାକୋଟାରେ ବିଭିନ୍ନ ଦେବାଦେବୀ ମୂର୍ତ୍ତି, ଘର ସାଜସଜ୍ଜା ଆଦି ସୌଖୀନ ଉପରକଣ ତିଆରି କରି ବିଭିନ୍ନ ମେଳା ମହୋତ୍ସବରେ ବିକ୍ରି କରି କରିବା ସହ ଓର୍‌ମାସରେ ଷ୍ଟଲ ମାଧ୍ୟମରେ ବିକ୍ରି କରିଥାନ୍ତି। ଯାହାଦ୍ୱାରା ସେମାନଙ୍କ ବୃତ୍ତିରେ ଆହୁରି ଉନ୍ନତି ହେବା ସହ ଆୟରେ ବହୁ ପରିବର୍ତ୍ତନ ହୋଇପାରିଛି। ପୂର୍ବାପେକ୍ଷା ଏବେ ସେମାନଙ୍କର ଆର୍ଥିକ ସ୍ଥିତିରେ ବେଶ ଉନ୍ନତ ହେବା ସହ ପରିବାର ପ୍ରତିପୋଷଣରେ କୌଣସି ପ୍ରତିବନ୍ଧକ ଦେଖିବାକୁ ମିଳିନାହିଁ। ରାଜ୍ୟରେ ମହିଳାଙ୍କୁ ସଶକ୍ତୀକରଣ କରିବା ଦିଗରେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଏକ ପ୍ରମୁଖ ଭୂମିକା ନିଭାଇଥିବା ମିରାବାଇ ଜିପିଏଲ୍ ଏଫ୍ ସଭାପତି ସବିତା ରାଣା ପ୍ରକାଶ କରିଛନ୍ତି।

### ଲୁହାପଥର ବୋଝେଇ ୬ ଟ୍ରକ୍ ଜବତ: ୬ ଗିରଫ

ଯୋଡା,୩୦।୩(ଡି.ଏନ୍.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅଧୀନ ଜଗଦଳା ଠାରୁ ୫ଟି ଲୁହା ପଥର ବୋଝେଇ ଟ୍ରକ ଏବଂ ଜୁରୁଡିଠାରୁ ଗୋଟିଏ ଟ୍ରକ୍‌କୁ ପୋଲିସ ଜବତ କରିବାସହ ଏଥିରେ ସଂପୃକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ରାଜସ୍ଥାନ ରାଜ୍ୟ ଦସୱା ଜିଲା ଅନ୍ତର୍ଗତ କୋଟ ଗ୍ରାମର ଯୋଗେନ୍ଦ୍ର ଯାଦବ, ସେହି ରାଜ୍ୟର ଅହମ୍ମଦାପୁର ଗ୍ରାମର ସମୟା ଦିନ ଓ ଥାନାଗଜି ଗ୍ରାମର କାଲୁ ରାମ ଯାଦବ, ଉତ୍ତରପ୍ରଦେଶ ରାଜ୍ୟ ଆମେଥି ଜିଲା ଭାଗଲପୁର ଗ୍ରାମର ଏମ୍‌ଡି ଆବାଦ, ବିହାର ରାଜ୍ୟ ଗୟା ଜିଲା ଅନ୍ତର୍ଗତ ଭବାନୀବିହାର ଗ୍ରାମର ମନୋଜ କୁମାର ଯାଦବ ଏବଂ ଛତିଶଗଡ ରାଜ୍ୟ କୁହ୍ନାରୀ ଗ୍ରାମର ରାମପ୍ରସାଦ ଯାଦବ। ସୂଚନା ଅନୁଯାୟୀ ସୋମବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଲୁହା ପଥର ଗୁଣ୍ଡ ବୋଝେଇ ହୋଇଥିବା ଜାଣିବାକୁ ପାଇଥିଲା। ପୋଲିସ ଉକ୍ତ ୬ଗୋଟି ଟ୍ରକକୁ ଜବତ କରିବା ସହ ଦୁଇଟି ପୃଥକ ମାମଲା (ନଂ ୩୫/୨୧) (ନଂ. ୩୬/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଆଇଆଇସି ରାଜେନ୍ଦ୍ର କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

## ଆରମ୍ଭ ହେଲା ବିଦ୍ୟୁତ୍ ଇଞ୍ଜିନ ଚଳାଚଳ


ରୂପ୍‌ସାରେ ୨୫ହଜାର କେଭି ବିଦ୍ୟୁତ୍‌ଷ୍ଟେଶନରେ ବିଭାଗୀୟ ଅଧିକାରୀ ପରିଦର୍ଶନ କରୁଛନ୍ତି।

ରୂପ୍‌ସା, ୩୦।୩(ଡି.ଏନ.ଏ.)

**ରୂପ୍‌ସା-ଭଞ୍ଜପୁର ଷ୍ଟେଶନ ବିଦ୍ୟୁତୀକରଣ ପରିଦର୍ଶନ**

ଦକ୍ଷିଣ-ପୂର୍ବ ରେଳପଥ ଖଡ଼ଗପୁର ଡିଭିଜନ ଅଧୀନ ରୂପ୍‌ସା ରେଳ ଜଙ୍କଶନରୁ ଭଞ୍ଜପୁର ଷ୍ଟେଶନ ପର୍ଯ୍ୟନ୍ତ ନୂତନ ଭାବେ ସମ୍ପୂର୍ଣ୍ଣ ହୋଇଥିବା ବିଦ୍ୟୁତୀକରଣ ପ୍ରକଳ୍ପକୁ ମଙ୍ଗଳବାର ରେଳୱେ ଅଧିକାରୀମାନେ ପରିଦର୍ଶନ କରିଛନ୍ତି। ଚିଫ୍ ପ୍ରୋଜେକ୍ଟ ଡାଇରେକ୍ଟର ଅଭୟ କୁମାର ଚୌଧୁରୀ, କମିଶନର ଅଫ୍ ରେଲୱେ ସେଫ୍‌ଟି ଏ. ଏମ୍. ଚୌଧୁରୀ, ଇଲେକ୍ଟ୍ରିକାଲ ଡିସିଇଇ ପି. କେ. ମଣ୍ଡଳ, ଏଏସ୍‌ଇଆଇଇ ସମରଦୀପ ଗୌତମ, ଇନଲ୍ୟାଣ୍ଡ ଇଞ୍ଜିନିୟର୍ସର ପ୍ରୋଜେକ୍ଟ ମ୍ୟାନେଜର ଅଜିତ ସିଂ ଓ ବିକାଶ ଓଝା ପ୍ରମୁଖ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ବିଭାଗୀୟ କର୍ମଚାରୀଙ୍କ ସହ ରୂପ୍‌ସାରୁ ଭଞ୍ଜପୁର ଷ୍ଟେଶନ ଯାଇଥିଲେ। ରୂପ୍‌ସା, ବେତନଟୀ, କୃଷ୍ଣଚନ୍ଦ୍ରପୁର ଓ ଭଞ୍ଜପୁର ଷ୍ଟେଶନରେ ଚିଫ୍ ପ୍ରୋଜେକ୍ଟ ଡାଇରେକ୍ଟର ଅଭୟ କୁମାର ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟୁତୀକରଣ ପ୍ରକଳ୍ପ ସବୁର ଯାଞ୍ଚ କରାଯାଇଥିଲା। ରୂପ୍‌ସାରୁ ଭଞ୍ଜପୁର ଡିଜେଲ ଇଞ୍ଜିନ ସଂଲଗ୍ନ ଟ୍ରେନ୍ ଯାଇ ବିଭିନ୍ନ ଷ୍ଟେଶନରେ ପ୍ରକଳ୍ପର ତଦାରଖ କରାଯାଇଥିଲା। ଭଞ୍ଜପୁରରୁ ବିଦ୍ୟୁତ୍ ଇଞ୍ଜିନ ସଂଲଗ୍ନ ଏହି ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରାଯାଇ ବିଭାଗୀୟ ଅଧିକାରୀମାନେ ରୂପ୍‌ସା ପହଞ୍ଚିଥିଲେ।

## ଶିଶୁକନ୍ୟାଙ୍କୁ ନିର୍ଯାତନା ଅଭିଯୋଗ

ବାସୁଦେବପୁର,୩୦।୩(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅର୍ଦ୍ଧୁଆ ଗ୍ରାମର ଜଣେ ଶିଶୁ କନ୍ୟାଙ୍କୁ ଘରେ ରଖି ପାଠ ପଢ଼ାଇବାର ପ୍ରତିଶ୍ରୁତି ଦେଇ ଜନୈକା ଶିକ୍ଷୟିତ୍ରୀ ନିର୍ଯାତନା ଦେବା ଅଭିଯୋଗ ହୋଇଛି। ଏନେଇ ଶିଶୁ କନ୍ୟାଙ୍କ ମା' ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୂଚନା ଅନୁଯାୟୀ, ଅର୍ଦ୍ଧୁଆ ଗ୍ରାମର ସୁଲୋଚନା ମଳିକ ଜଣେ ଗରିବ ଶ୍ରେଣୀର ମହିଳା। ଦୁଇଝିଅଙ୍କୁ ପାଠ ପଢ଼ାଇବା ତାଙ୍କ ପକ୍ଷେ କଷ୍ଟକର ଥିଲା। ସେହି ଗ୍ରାମ ନୋଡାଲ ୟୁପିଏମ୍‌ଇ ସ୍କୁଲର ଜନୈକା ଶିକ୍ଷୟିତ୍ରୀ ତାଙ୍କର ଜଣେ ଶିଶୁ କନ୍ୟାଙ୍କୁ ପାଠ ପଢ଼ାଇବାର ପ୍ରତିଶ୍ରୁତି ଦେଇ ଘରକୁ ନେଇଥିଲେ। ତେବେ ଏଥିରେ ଖିଲାପ କରି ଘରୋଇ କାର୍ଯ୍ୟରେ ନିୟୋଜିତ କରିଥିବା ସୁଲୋଚନା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ବିଇଓ ଜଗବନ୍ଧୁ ସାହୁଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ଓଏସ୍‌ଏମ୍‌ଇ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ


ଛାତ୍ରୀଛାତ୍ର ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

କେନ୍ଦୁଝର, ୩୦।୩( ସ୍ୱ.ପ୍ର./ଡି.ଏନ.ଏ.) ବର୍ତ୍ତମାନ ସବୁ ଶିକ୍ଷାନୁଷ୍ଠାନରେ କରୋନା ସଂକ୍ରମଣ ବଢୁଥିବାରୁ ଅନ୍‌ଲାଇନ୍‌ରେ ପରୀକ୍ଷା ଦାବିରେ ସ୍ଥାନୀୟ ଓଡ଼ିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ(ଓଏସଏମଇ)ର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କେତେକ ଶିକ୍ଷାନୁଷ୍ଠାନରେ କୋଭିଡ ପଜିଟିଭ୍ ବାହାରୁଥିବାରୁ ଅନଲାଇନରେ ପରୀକ୍ଷା ହେଉଛି। ଏଣୁ ଏଠାରେ ମଧ ଅନ୍‌ଲାଇନରେ ପରୀକ୍ଷା କରିବାକୁ ସେମାନେ ଦାବି କରି ଆନ୍ଦୋଳନରେ ବସିଛନ୍ତି।

## ନାଟକ ବାସ୍ତବଧର୍ମୀ ହୋଇ ରଙ୍ଗମଞ୍ଚକୁ ଫେରିଆସୁ

ଭଦ୍ରକ ଅଫିସ,୩୦।୩

ନାଟକ ବାସ୍ତବଧର୍ମୀ ହୋଇ ରଙ୍ଗମଞ୍ଚକୁ ଫେରୁ, ସମାଜର ଭାବାବେଗକୁ ତୋଳିଧରି ଜୀବନ୍ତ ହେଉ ବୋଲି ଭଦ୍ରକ ନୂଆବଜାର ସ୍ଥିତ ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଇଣ୍ଟରନ୍ୟାଶନାଲ ଥିଏଟର, ଭଦ୍ରକ ଶାଖା ଆନୁକୂଲ୍ୟରେ ଆୟୋଜିତ ବିଶ୍ୱ ନାଟ୍ୟଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ଭଦ୍ରକ ଜିଲା ଶାଖା ସଭାପତି ପ୍ରାଧ୍ୟାପକ ଡ. ପଦ୍ମକାନ୍ତ ଧଳ ପୌରୋହିତ୍ୟ କରିଥିଲେ। ସ୍ତମ୍ଭକାର ଇଂ. ଅଭୟ ସୂତାର ମୁଖ୍ୟଅତିଥି, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ପଣ୍ଡିତ ଦୈତାରୀ ମହାପାତ୍ର, ଭଦ୍ରକ ପୂଜ୍ୟପୂଜା ସଂସଦର ସମ୍ପାଦକ ରୂପକ ବିହାରୀ ରାୟ ଉପସ୍ଥିତ ଥିଲେ। ସଙ୍ଗଠନର ସମ୍ପାଦକ ନାଟ୍ୟଶ୍ରୀ ନିର୍ମଳ ରାଉତ ସମ୍ପାଦକୀୟ ବିବରଣୀ ଉପସ୍ଥାପନା କରିଥିଲେ।

## ଆନନ୍ଦପୁର ମହାବିଦ୍ୟାଳୟ ଗେଟ୍‌ରେ ତାଲା

ଆନନ୍ଦପୁର,୩୦।୩(ସ୍ୱ.ପ୍ର.)

ଆନନ୍ଦପୁର ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ଛାତ୍ରୀଛାତ୍ରଙ୍କର ତୃତୀୟ ସେମିଷ୍ଟାର ବ୍ୟାକ୍ ପେପର ଫର୍ମ ପୁରଣର ଶେଷ ତାରିଖ ମାର୍ଚ୍ଚ ୩୦ ହୋଇଥିବାବେଳେ ସେମାନଙ୍କ ପରୀକ୍ଷା ଫଳ ପ୍ରକାଶ ପାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଉତ୍ତେଜିତ ଛାତ୍ରମାନେ ମହାବିଦ୍ୟାଳୟ ମୁଖ୍ୟ ଫାଟକରେ ଦୀର୍ଘ ସମୟ ଧରି ତାଲା ପକାଇ , ଟାୟାର୍ ଜାଳି ପ୍ରତିବାଦ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ନାରାୟଣ ଦାସ ଆନ୍ଦୋଳନରତ ଛାତ୍ରଙ୍କୁ ବହୁତ ବୁଝାଶୁଝା କରିବା ସହିତ ଉତ୍ତରଓଡିଶା କର୍ତ୍ତୃକ୍ଷଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ ଦିଗରେ ପ୍ରତଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।


ଛାତ୍ରୀଛାତ୍ର କଲେଜ ଗେଟ୍‌ରେ ତାଲା ପକାଇ ପ୍ରତିବାଦ କରୁଛନ୍ତି।

## ପ୍ରବୀର ସଭାପତି, ବସନ୍ତ ସମ୍ପାଦକ

ବାରିପଦା ଅଫିସ,୩୦।୩

ମୟୂରଭଞ୍ଜ ବାର ଆସୋସିଏଶନର ସଭାପତି ଭାବେ ପ୍ରବୀର ବସା ଓ ସମ୍ପାଦକ ଭାବେ ବସନ୍ତ ଭୋଳ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ସୁଜାତା ମିଶ୍ର, ଯୁଗ୍ମ-ସମ୍ପାଦକ ସ୍ୱରୂପ ମିଶ୍ର, କୋଷାଧ୍ୟକ୍ଷ ଭାବେ ଅରବିନ୍ଦ ସାହୁ ନିର୍ବାଚିତ ହୋଇଛନ୍ତି। ଏଥିସହ ସ୍ୱପ୍ନା ମହାନ୍ତି, ଦୁଷ୍ମନ୍ତ କୁମାର ଦାଶ, ଅନୀଲ କୁମାର ବେହେରା, ସତ୍ୟବାନ ପାଲ, ସୁଶାନ୍ତ ପଣ୍ଡା, ଦିଲ୍ଲୀପ କୁମାର ପାତ୍ର, ଅଶୋକ ପଣ୍ଡା, କୈଳାସ ଚନ୍ଦ୍ର ସାହୁ, ରାଜୀବ କୁମାର ମହାନ୍ତି, ସତ୍ୟନାରାୟଣ ମହାନ୍ତ, ଶାନ୍ତନୁ କୁମାର ପାଲ ଓ ବଟକୃଷ୍ଣ ପାଢ଼ୀ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ମୟୂରଭଞ୍ଜ ଜିଲା ବାର ଆସୋସିଏଶନର ୫୬୬ ସଦସ୍ୟ ମତଦାନ କରିଥିଲେ। ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ବିଜନ ଦାସ ନିର୍ବାଚନ ପରିଚାଳନା କରିଥିଲେ।

## ୫ ଏକର ମୂଲ୍ୟବାନ ବଗିଚା ଜଳିଗଲା

ତେଲକୋଇ, ୩୦।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ତେଲକୋଇ ବନାଞ୍ଚଳ ଅଧୀନ ଛାମୁଣ୍ଡା ପଞ୍ଚାୟତ ମୁଖ୍ୟାଳୟରେ ୨ଭାଇଙ୍କର ୫ଏକର ବଗିଚା ଜଳି ନଷ୍ଟ ହୋଇଯାଇଛି। ଗୁରୁଚରଣ ସାହୁ ଓ ତାଙ୍କ ଭାଇ ନୀଳମଣି ଋଣ କରି ଉକ୍ତ ଜମିରେ ଉନ୍ନତମାନର ଆମ୍ବ, କାଜୁ ଓ ଶାଗୁଆନ ଗଛ ଲଗାଇଥିଲେ। ପୂର୍ବ ଶତ୍ରୁତାରୁ ଏହି ବଗିଚାରେ କେହି ନିଆଁ ଲଗାଇ ଦେଇଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ସେଠୀ ଜଣେ ଫରେଷ୍ଟରଙ୍କୁ ତଦନ୍ତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ନିଆଁରେ ପୋଡ଼ିଯାଇଥିବା କ୍ଷତିର ଆକଳନ କରି କ୍ଷତିପୂରଣ ଦେବା ପାଇଁ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ଜେଲ୍ ଗଲେ ୩ ଅଭିଯୁକ୍ତ

ରୂପ୍‌ସା, ୩୦।୩(ଡି.ଏନ.ଏ.)

**ଯୁବକଙ୍କୁ ପିଟି ହତ୍ୟା ମାମଲା**

ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧୀନ ଗୁଣ୍ଡୁରିପଦା ଗ୍ରାମରେ ଜଣେ ଯୁବକଙ୍କୁ ପିଟି ହତ୍ୟା କରାଯାଇଥିବା ଅଭିଯୋଗରେ ବସ୍ତା ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବସ୍ତା ଥାନା ଗୁଣ୍ଡୁରିପଦା ଗ୍ରାମର ସୃଷ୍ଟିଧର ସାହୁ ଓ ରଜନୀକାନ୍ତ ଗୋଛାୟତ, ଛତରା ଗ୍ରାମର ଲକ୍ଷ୍ମୀକାନ୍ତ ନାୟକ।

ଗତ ୨୬ତାରିଖ ରାତିରେ ଗୁଣ୍ଡୁରିପଦା ଗାଁରେ ଯାତ୍ରା ହେଉଥିଲା। ସୃଷ୍ଟିଧର ସାହୁଙ୍କ ଘରେ ତାଲା ଭାଙ୍ଗି ଉଇଟିକିରି ଗ୍ରାମର ବର୍ଷି ଓରଫ ସ୍ୱାଭିମାନ ସାଗରଜ୍ୟୋତି ଜେନା ୨ ସହଯୋଗୀଙ୍କ ସହ ଘର ଭିତରେ ପଶି ସୁନାଗହଣା ଚୋରି କରି ପଳାଉଥିବା ବେଳେ ଯାତ୍ରା ଦେଖି ଫେରୁଥିବା ପରିବାର ଲୋକଙ୍କ ନଜରକୁ ଆସିଥିଲେ। ସ୍ଥାନୀୟ ଲୋକେ ବର୍ଷିଙ୍କୁ କାବୁ କରି ନିର୍ଘୁମ ମାଡ଼ ମାରିଥିଲେ। ଅନ୍ୟ ୨ଜଣ ସହଯୋଗୀ ସେଠାରୁ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ବର୍ଷିଙ୍କର ମୃତ୍ୟୁ ହୋଇଥିଲା। ଏ ସଂକ୍ରାନ୍ତରେ ମୃତକଙ୍କ ବାପା ସରୋଜ ଜେନାଙ୍କ ଅଭିଯୋଗ ଅନୁଯାୟୀ ୩୦୨ ଦଫାରେ ଏକ ମାମଲା (ନଂ. ୧୦୨/୨୧) ରୁଜୁ ହୋଇଥିଲା। ଅପରପକ୍ଷରେ ସୃଷ୍ଟିଧର ସାହୁ ତାଙ୍କ ଘର ତାଲା ଭାଙ୍ଗି ମୃତ ବର୍ଷିଙ୍କ ସମେତ ଅନ୍ୟ ସହଯୋଗୀମାନେ ବିଭିନ୍ନ ସୁନା, ରୁପା ଅଳଙ୍କାର ଚୋରି କରିଥିବା ଅଭିଯୋଗ ଅନୁଯାୟୀ ଥାନାରେ ଅନ୍ୟ ଏକ ମାମଲା (ନଂ. ୧୦୩/୨୧) ରୁଜୁ ହୋଇଛି। ତଦନ୍ତ ଅଧିକାରୀ ଏସ୍‌ଆଇ ରାଜଲକ୍ଷ୍ମୀ ନାୟକ ଓ ଏଏସ୍‌ଆଇ ଚିତ୍ତରଞ୍ଜନ ମହାନ୍ତି ଘଟଣାର ଛାନଭିନ୍ କରି ୩ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ।

## ଦେହରେ କହୁଣି ବାଜିବା ନେଇ ଗଣ୍ଡଗୋଳ: ୧୧ ଗିରଫ


ଉତ୍ତ୍ୟକ୍ତ ଲୋକେ ରାସ୍ତାରେ ପୋଡ଼ାଜଳା କରୁଛନ୍ତି।

ବାହାନଗା, ୩୦।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ସାହାସପୁରା ପଞ୍ଚାୟତ ଝାଡତା ଗ୍ରାମରେ ଦୋଳ ଯାତ୍ରା ଅବସରରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟ ଯୁବକଙ୍କ ଦେହରେ ସେହି ଗ୍ରାମର ଜଣେ ଯୁବକଙ୍କ କହୁଣୀ ବାଜିଯିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହା ପରଦିନ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ରାତିରେ ଉଭୟ ଯୁବକଙ୍କ ମଧ୍ୟରେ ମାର୍‌ପିଟ ହୋଇଥିଲା। ପରବର୍ତ୍ତୀ ସମୟରେ ପୋଡାଜଳା, ରାସ୍ତା ଅବରୋଧ ଆରମ୍ଭ ହୋଇଥିଲା। ପୋଲିସ୍ ସେଠାରେ ପହଞ୍ଚି ୨ଜଣଙ୍କୁ ଗିରଫ କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ଏହି ଘଟଣା ନେଇ ଗୋପାଳପୁର ଫାଣ୍ଡିରେ ଝାଡତା ଗ୍ରାମର ପ୍ରଶାନ୍ତ ଶିଅଳ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା(ନଂ.୯୮/୨୧) ରୁଜୁ କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ଆଉ ୩ ଜଣଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ରାସ୍ତା ଅବରୋଧ ଓ ପୋଡାଜଳା, ଦୋକାନ ପୋଡି ବାବଦରେ ପୋଲିସ ନିଜ ଆଡୁ ଏକ ମାମଲା (ନଂ. ୯୯/୨୧) ରୁଜୁ କରି ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଶନିବାର ଝାଡତା ଗ୍ରାମ ହନୁମାନ ମେଳନ ପଡିଆରେ ଦୋଳମେଳନ ଅବସରରେ ଗହଳି ହୋଇଥିଲା। ସାହାସପୁରା ଗ୍ରାମର ସଂଖ୍ୟାଲଘୁ ସମ୍ପ୍ରଦାୟର କେତେଜଣ ଯୁବକ ଯାତ୍ରା ଦେଖିବା ପାଇଁ ଆସିଥିଲେ। ଏହି ସମୟରେ ଗ୍ରାମର ଶଶଧର ସେଠୀଙ୍କ କହୁଣି ସଂଖ୍ୟାଲଘୁ ଯୁବକଙ୍କ ଦେହରେ ବାଜିଯିବାରୁ ଗଣ୍ଡଗୋଳ ଆରମ୍ଭ ହୋଇଥିଲା।

## ହୋଲିରେ ମନ୍ଦିର ବେଢ଼ା ସଫେଇ

ହାଟଡିହୀ,(ଡି.ଏନ.ଏ.):କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ଜଳକଳଙ୍ଗ ବୈକୁଣ୍ଠନାଥ ଯୁବପରିଷଦ ତରଫରୁ ଏକ ନିଆରା ଢଙ୍ଗରେ ହୋଲି ପାଳିତ ହୋଇଛି। ଯୁବପରିଷଦ ସଦସ୍ୟ ମାନେ ହୋଲି ନ ଖେଳି ନିଜ ଗ୍ରାମରେ ଥିବା ଗ୍ରାମଦେବତୀ ମା ଜଗୁଲାଇ ମନ୍ଦିର ବେଢ଼ା ସଫେଇ କରିଥିଲେ। ସଭାପତି କହ୍ନେଇ ଚରଣ ଓଝାଙ୍କ ନେତୃତ୍ୱାର ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ସମ୍ପାଦକ ବିଜୟ କୁମାର ଜେନା, ଉପସଭାପତି ଭଗବାନ ସେଠୀ, କୋଷାଧକ୍ଷ ସନ୍ତୋଷ ଚନ୍ଦ୍ର ପ୍ରମୁଖ ସାମିଲ ହୋଇଥିଲେ। ଜଳକଳଙ୍ଗ ଗ୍ରାମର ବରିଷ୍ଠ ନାଗରିକ ମାର୍କଣ୍ଡ ଦାସ ଓ କପିଳ ଚରଣ ଦାସ ତଦାରଖ କରିଥିଲେ।

## ଆଜି କ'ଣ କେଉଁଠି

**କେନ୍ଦୁଝର**

- ହରିହର ମନ୍ଦି ବାର୍ଷିକ ଉତ୍ସବ। ସ୍ଥାନ: ବଡ଼ବିଲ। ସମୟ : ସକାଳ ୬ଟାରୁ।

**ବାଲେଶ୍ୱର**

- ସାଇଫେଷ୍ଟ-୨୦୨୧ର ବାର୍ଷିକ ଉତ୍ସବ। ସ୍ଥାନ: ସତ୍ୟସାଇ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁଶନ କ୍ୟାମ୍ପସ, ଚାନ୍ଦିପୁର। ସମୟ: ଅପରାହ୍ନ ୪ଟା।

## ସଂକ୍ଷେପରେ

### ଜଙ୍ଗଲରେ ନିଆଁ ଲଗାଇବା ସନ୍ଦେହରେ ବୃଦ୍ଧଙ୍କୁ ମାଡ଼

**ସଜନାଗଡ଼, ୩୦।୩(ଡି.ଏନ.ଏ.):** ବାଲେଶ୍ୱର ଜିଲାରେ ଥିବା କୁଲଡ଼ିହା ଅଭୟାରଣ୍ୟରେ କାର୍ଯ୍ୟରତ କର୍ମଚାରୀ ଜଙ୍ଗଲରେ ନିଆଁ ଲଗାଇବା ସନ୍ଦେହରେ ସନ୍ତରାଗଡ଼ିଆ ବିଟ୍ ହାଉସ୍ ଅଧୀନ ଜଣେ ବୃଦ୍ଧଙ୍କୁ ବାନ୍ଧି ମାଡ ମାରିଥିବା ଅଭିଯୋଗ ହୋଇଛି। ବୃଦ୍ଧଜଣକ ଚିତ୍କାର କରିବାରୁ ଗ୍ରାମବାସୀ ଦୌଡି ଆସିଥିଲେ। କର୍ମଚାରୀଜଣକ ଲୋକଙ୍କୁ ଚୁପ୍ ରୁହ, ନଚେତ୍ ମାମଲାରେ ବାନ୍ଧି ନେବୁ ବୋଲି ଧମକ ଦେଇଥିଲେ। ଏହାପରେ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ତେବେ ଆଇନକୁ ହାତକୁ ନେଇଥିବା ବନକର୍ମଚାରୀଙ୍କ ବିରୋଧରେ ଲୋକେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। କୁଲଡ଼ିହା ରେଞ୍ଜର ବିଜୟ ମହାପାତ୍ର ଘଟଣାର ତଦନ୍ତ କରି ଉକ୍ତ ପରିବାରବର୍ଗଙ୍କୁ ବୁଝାଶୁଝା କରିଥିଲେ। ସବୁଜବାହିନୀ ଆଉ ଏଭଳି କାର୍ଯ୍ୟ କରିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିବା ମହାପାତ୍ର କହିଛନ୍ତି। ରବିବାର କୁଲଡ଼ିହା ସୀମାନ୍ତ ଗାଁ ଔପଦା ବ୍ଲକ ଅଧୀନ ଖୁଲିଆ ଗ୍ରାମରେ ଆଦିବାସୀମାନଙ୍କର ଶାଳଫୁଲ ପୂଜା ହେଉଥିବାରୁ ଗ୍ରାମବାସୀ ଏକାଠି ହୋଇଥିଲେ। ସେହି ଗ୍ରାମର ବାବାଜୀ ସିଂ ଶୌଚ ପାଇଁ ଜଙ୍ଗଲକୁ ଲାଗି ଏକ ଚୁଆ ପାଖକୁ ଯାଉଥିବା ବେଳେ ୩ଜଣ ସବୁଜବାହିନୀ ଆସି ତାଙ୍କୁ ଜଙ୍ଗଲରେ ନିଆଁ ଲଗାଉଛ ବୋଲି କହିଥିଲେ। ମାତ୍ର ସେ ଶୌଚ ପାଇଁ ଆସିଥିବା କହୁଥିବା ବେଳେ ସେମାନେ ନ ଶୁଣି ତାଙ୍କୁ ବାନ୍ଧି ମାଡ଼ ମାରିଥିଲେ।

### ବାଳିକାଙ୍କ ଆତ୍ମହତ୍ୟା

**ଉଦଳା,୩୦।୩(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଅଙ୍ଗାରପଦା ଗ୍ରାମରେ ଜଣେ ୧୦ ବର୍ଷର ବାଳିକା ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ବାଳିକା ଜଣକ ଘରେ ଥିବା ସରାଘଡ଼ି ଭାଙ୍ଗି ସେଥିରୁ ଟଙ୍କା ବାହାର କରୁଥିଲେ। ଏହା ଦେଖି ତାଙ୍କ ମାଆ ଗାଳି ଦେଇଥିଲେ। ଏଥିରେ ରାଗିଯାଇ ସେ ଆତ୍ମହତ୍ୟା କରିଥିଲେ।

### ମେଧାବୀ ଛାତ୍ରୀଛାତ୍ର ପୁରସ୍କୃତ

**ଭଦ୍ରକ ଅଫିସ,୩୦।୩:** ଭଦ୍ରକ ଜିଲା ଚରମ୍ପା ବରାଳପୋଖରୀ ଠାରେ ମିଶ୍ର ଚାରିଟେବୁଲ ଟ୍ରଷ୍ଟ ଓ ରୋଟାରୀ କ୍ଲବ ମିଡଟାଉନ ପକ୍ଷରୁ ହନୁମାନ ଜୀଉ ଉପ୍ରା ବିଦ୍ୟାଳୟରେ ସ୍ୱର୍ଗତ ଆଶାଲତା ମିଶ୍ର ସ୍ମାରକୀ ହସ୍ତ ପ୍ରକ୍ଷାଳନ ଗୃହର ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ୭୫ ହଜାର ଟଙ୍କାର ଅର୍ଥରାଶି ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଜିଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଏହି ଉଦ୍ଘାଟନ କାର୍ଯ୍ୟରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ସମେତ ବହୁ ଅତିଥି ଉପସ୍ଥିତ ଥିଲେ।

# ଝାଡ଼ଖଣ୍ଡରୁ ଟ୍ରକ୍ ଜବତ, ୪ ଗିରଫ

## ଆଇରନ ବିଲେଟ ଚୋରା କାରବାରର ପର୍ଦ୍ଦାଫାଶ

**ବଡ଼ବିଲ,୩୦।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ଏକ ବଡ଼ ଧରଣର ଆଇରନ ବିଲେଟ ଚୋରା କାରବାରର ପର୍ଦ୍ଦାଫାଶ କରିଛି। ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଝାଡ଼ଖଣ୍ଡ ରାଜ୍ୟ ଚାଇବସାରୁ ଗିରଫ କରାଯାଇଛି। ସେମାନେ ହେଲେ ବଡ଼ବିଲ ଷ୍ଟେଶନ ରୋଡ୍ ଅଞ୍ଚଳର ପଙ୍କଜ ତିୱାରୀ, ଉତ୍ତରପ୍ରଦେଶ ବଲିଆ ଅଞ୍ଚଳର ଅରବିନ୍ଦ ସିଂହ, ବିହାରର ସିମନ ଅଞ୍ଚଳର ଅରବିନ୍ଦ କୁମାର ତିୱାରୀ ଏବଂ ଗାଡ଼ି ମାଲିକ ଝାଡ଼ଖଣ୍ଡ ବୋକାରୋ ଅଞ୍ଚଳର ସୂରଜ ଯାଦବ। ଚୋରାକାରବାରରେ ବ୍ୟବହୃତ ୪ ଟ୍ରକ୍‌କୁ ଝାଡ଼ଖଣ୍ଡ ରାଜ୍ୟ ବରୀ ଅଞ୍ଚଳରୁ ପୋଲିସ ଜବତ କରିଛି। ଏ ନେଇ ବଡ଼ବିଲ ଥାନାରେ ଏକ ମାମଲା (ନଂ .୫୦/୨୧) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୧୫ ତାରିଖରେ ବଡ଼ବିଲ ଉଳିବୁରୁସ୍ଥିତ ଶ୍ରୀ ଜଗନ୍ନାଥ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ ପ୍ଲାଣ୍ଟରୁ ୨ଟି ଟ୍ରକ୍ ଯୋଗେ ପ୍ରାୟ ୬୪ ମେଟ୍ରିକ ଟନ୍ ବିଲେଟ (ଆନୁମାନିକ ମୂଲ୍ୟ ପ୍ରାୟ ୩୦ ଲକ୍ଷ ଟଙ୍କା) ବୋଝେଇ ହୋଇ ବିହାର ରାଜ୍ୟ ପାଟନା ଅଞ୍ଚଳକୁ ଯାଉଥିଲା। ତେବେ ଏହା ମାର୍ଚ୍ଚ ୨୨ ତାରିଖ ସୁଦ୍ଧା ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚି ନ ଥିଲା। ଫଳରେ ପରିବହନକାରୀ ସଂସ୍ଥା ରାଧାକ୍ରିଷ୍ଣା ଟ୍ରାନ୍ସପୋର୍ଟ ପକ୍ଷରୁ ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ କରି ବଡ଼ବିଲ ପୋଲିସ ଝାଡ଼ଖଣ୍ଡ ରାଜ୍ୟ ଚାଇବସାରୁ ୪ ଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିଲା। ପଚରାଉଚରା ପରେ ପୋଲିସ ଝାଡ଼ଖଣ୍ଡ ରାଜ୍ୟ ବରୀ ଅଞ୍ଚଳରୁ ୨ଟି ଯାକ ଟ୍ରକ୍‌କୁ ଜବତ କରିବାକୁ ସକ୍ଷମ ହୋଇଥିଲା। ପୋଲିସ ତଦନ୍ତରୁ ଜଣାପଡିଛି ଯେ, ଅଭିଯୁକ୍ତମାନେ ଝାଡ଼ଖଣ୍ଡ ରାଜ୍ୟ ଗିରିଡ଼ିହ୍‌ସ୍ଥିତ ଗାନ୍ଧୀ ଷ୍ଟିଲ ପ୍ଲାଣ୍ଟରେ ଆଇରନ ବିଲେଟକୁ ମାତ୍ର ୧୮ ଲକ୍ଷ ଟଙ୍କାରେ ବିକ୍ରି କରିବାକୁ କଥା ଛିଡ଼ିଥିଲା ଏବଂ ସେଥିନିମନ୍ତେ ଅଭିଯୁକ୍ତମାନେ ୫ ଲକ୍ଷ ଟଙ୍କା ଅଗ୍ରୀମ ମଧ୍ୟ ଆଣିଥିଲେ। ଏ ନେଇ ଗାନ୍ଧୀ ଷ୍ଟିଲ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କୁ ହାଜର ହେବା ନିମନ୍ତେ ଜିଲା ପୋଲିସ ନୋଟିସ୍ ଜାରି କରିଛି। ତେବେ ଅଭିଯୁକ୍ତମାନେ ନକଲି ନମ୍ବର ପ୍ଲେଟ ଲଗାଇବା ସହ ଜାଲ କାଗଜପତ୍ର କରି ଚୋରାଚାଲାଣ କରୁଥିଲେ ବୋଲି ବଡ଼ବିଲ ଥାନା ଆଇଆଇସି ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି। ଗିରଫ ୪ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି।


ଗିରଫ ୪ ଅଭିଯୁକ୍ତ।

# ତତଲା ସହର ବାରିପଦା

**ବାରିପଦା ଅଫିସ, ୩୦।୩**

ମୟୂରଭଞ୍ଜ ଜିଲା ବାରିପଦା ସହରରେ ମଙ୍ଗଳବାର ସର୍ବାଧିକ ତାପମାତ୍ରା ୪୪.୬ଡ଼ିଗ୍ରୀ ସେଲସିୟସ ଅନୁଭୂତ ହୋଇଥିଲା। ଯାହାକି ଚଳିତ ବର୍ଷର ଜିଲାରେ ସର୍ବାଧିକ ତାପମାତ୍ରା ବୋଲି କୁହାଯାଉଛି। ତାପମାତ୍ରା ବୃଦ୍ଧିଯୋଗୁ ସହରର ରାସ୍ତାଘାଟ ଜନଶୂନ୍ୟ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ସୋମବାର ତାପମାତ୍ରା ମଧ୍ୟ ୪୨ଡ଼ିଗ୍ରୀ ଥିବା ବେଳେ ରବିବାର ୪୦ଡ଼ିଗ୍ରୀ ଥିଲା। ଲଗାତର ୩ ଦିନ ଧରି ଦିନର ସର୍ବୋଚ୍ଚ ତାପମାତ୍ରା ୪୦ଡ଼ିଗ୍ରୀରୁ ଅଧିକ ରହୁଥିବାରୁ ସହର ବାସିନ୍ଦାଙ୍କ ଚିନ୍ତା ବଢ଼ିବାରେ ଲାଗିଛି।

# ଲୁହାପଥର ଚୋରି ଅଭିଯୋଗରେ ଗିରଫ

**ଯୋଡ଼ା,୩୦।୩(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣିଠାରେ ଲୁହା ପଥର ଗୁଣ୍ଡ ଚୋରା ଚାଲାଣ ବେଳେ ୫ ଗାଡ଼ି ଜବତ ହେବା ଘଟଣାରେ ପୋଲିସ ମଙ୍ଗଳବାର ଆଉ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମୟୂରଭଞ୍ଜ ଜିଲାର ଆଶିତ ଆମ୍ବାରି, ଶଶିକାନ୍ତ ବିନ୍ଧାଣୀ, ବାମେବାରୀ ଥାନା ଅଞ୍ଚଳର ସୂରଜ କୁମାର ବାରିକ ଓ ସପନ କୁମାର ବାରିକ। ଅଭିଯୁକ୍ତମାନେ କିଛି ଦିନ ହେବ ବିଭିନ୍ନ ଅଞ୍ଚଳରେ ହୋଇଥିବା ଲୁହା ପଥର ଚୋରି ଘଟଣାରେ ସମ୍ପୃକ୍ତ ଥିଲେ ବୋଲି ଯୋଡ଼ା ଥାନା ଆଇଆଇସି ରାଇସେନ ମୁର୍ମୁ ସୂଚନା ଦେଇଛନ୍ତି। ପୋଲିସ ସେମାନଙ୍କଠାରୁ ନଗଦ ୮୦ ହଜାର ଟଙ୍କା, ୪ଟି ମୋବାଇଲ ଫୋନ, ଗୋଟିଏ ବାଇକ୍ ଓ ଖଣିଜ ଚୋରା ଚାଲାଣ ବେଳେ ବ୍ୟବହାର କରାଯାଉଥିବା ଜାଲ୍ କାଗଜପତ୍ରକୁ ଜବତ କରିଛି।

# ଛାତ୍ରୀଙ୍କୁ ଅଧ୍ୟାପକଙ୍କ ଅସଦାଚରଣ ଅଭିଯୋଗ

**ଭୋଗରାଇ,୩୦।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଭୋଗରାଇ ମହିଳା ମହାବିଦ୍ୟାଳୟର ଜଣେ ଅଧ୍ୟାପକ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଜଣେ ଛାତ୍ରୀଙ୍କୁ ଟ୍ୟୁଶନ ସେଣ୍ଟରରେ ଅସଦାଚରଣ କରିଥିବା ନେଇ ମଙ୍ଗଳବାର ଛାତ୍ରୀଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ଭୋଗରାଇ ଥାନା ପକ୍ଷରୁ ପୋକ୍ସୋ ଆଇନ ଅନୁଯାୟୀ ଏକ ମାମଲା (ନଂ. ୭୬/୨୧) ରୁଜୁ କରାଯାଇଛି। ପୋଲିସ ଉକ୍ତ ଅଧ୍ୟାପକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟପକ୍ଷରେ ପୀଡ଼ିତା ଛାତ୍ରୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ପରୀକ୍ଷା କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାକୁ ଡିଏସ୍‌ଓ ଛାତ୍ର ସଙ୍ଗଠନ ପକ୍ଷରୁ ନିନ୍ଦା କରାଯାଇ ଉକ୍ତ ଅଧ୍ୟାପକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ବୁଧବାର କଲେଜ ଗେଟ୍ ଆଗରେ ଛାତ୍ର ଓ ଅଭିଭାବକଙ୍କୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କୁହାଯାଇଛି।

# ଥାନାଧିକାରୀଙ୍କୁ ଘେରିଲେ ଗ୍ରାମବାସୀ

## ଚୋରି, ଅପହରଣ ଘଟଣା

**ପଦ୍ମପୁର,୩୦।୩(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପାରାପୋଖରୀ ଗ୍ରାମର ଧନେଶ୍ୱର ବେହେରାଙ୍କ ଘରୁ ଗତ ୨୧ ତାରିଖରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଓ ୫ ଭରି ସୁନା ଚୋରି ହୋଇଥିବା କଷିଆ ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ. ୩୬/୨୧) ରୁଜୁ କରିଥିଲା। ପରେ ଧନେଶ୍ୱର ଓ ଗ୍ରାମବାସୀ ବିଦେଇପୁର ପାଳ ଗ୍ରାମର ଚନ୍ଦନ ସାମନ୍ତ ଓ ଜଣେ ନାବାଳକଙ୍କୁ ସନ୍ଦେହରେ ଘରୁ ଉଠାଇ ଆଣି ଅଟକ ରଖିବା ସହ ଦୁହିଁଙ୍କୁ ଥାନା ଜିମା ଦେଇଥିଲେ। ଥାନାଧିକାରୀ ଉଭୟଙ୍କୁ ପଚରାଉଚୁରା କରିବା ପରେ କୌଣସି ତଥ୍ୟ ନ ପାଇ ନୋଟିସ୍ ଦେଇ ଛାଡ଼ିଥିଲେ। ଅନ୍ୟପକ୍ଷେ ଅଭିଯୁକ୍ତଙ୍କ ମା' ତାଙ୍କ ପୁଅକୁ ଗ୍ରାମବାସୀ ଅପହରଣ କରିବା ସହ ମାଡ଼ ମାରି ମୋବାଇଲ ଛଡ଼ାଇ ନେଇଥିବା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ଅପହରଣ ମାମଲା ରୁଜୁ କରିଥିଲା। ଏନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ଥାନାଧିକାରୀଙ୍କୁ ଘେରାଉ କରିଥିଲେ। ଚୋରି ଘଟଣାର ତଦନ୍ତ ସହ ଅପହରଣ ମାମଲା ଉଠାଇ ନେବା ପାଇଁ ଦାବି କରି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଗ୍ରାମବାସୀ ଥାନା ଆଗରେ ବସି ରହିଥିଲେ। ପରେ ଥାନାଧିକାରୀ ପ୍ରଦୀପ କୁମାର ମାଝି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଶାନ୍ତ ପଡ଼ିଥିଲେ।

# ୨ଘଣ୍ଟା ପରେ ଆୟତ୍ତ ହେଲା ଜଙ୍ଗଲ ନିଆଁ

**ଚମ୍ପୁଆ ୩୦।୩(ଡି.ଏନ.ଏ)**

ଜଙ୍ଗଲ ନିଆଁ ବନବିଭାଗର ମୁଣ୍ଡବଥାର କାରଣ ପାଲଟି ଯାଇଛି। କାଳିକାପ୍ରସାଦ ରିଜର୍ଭ ଫରେଷ୍ଟରେ ନିଆଁ ଲାଗିଥିଲା। ଖବର ଅନୁସାରେ ଗତ ମଙ୍ଗଳବାର ଦିନ ବେଳା ଏହି ସଂରକ୍ଷିତ ଜଙ୍ଗଲକୁ ନିକଟରେ ଥିବା ଚାଷଜମି ଆଡୁ ନିଆଁ ମାଡି ଆସିଥିଲା। ଏହି ନିଆଁ ଜଙ୍ଗଲ ମଧ୍ୟକୁ ୨ ରୁ ୩ ପାର୍ଶ୍ୱରୁ ଜଙ୍ଗଲ ମଧ୍ୟକୁ ପ୍ରବେଶ କରିବା ସମୟରେ ସ୍ଥାନୀୟ ଲୋକ ବନବିଭାଗକୁ ଖବର ଦେବା ପରେ ରେଞ୍ଜର ସଞ୍ଜୀବ କୁମାର ରାଉତଙ୍କ ନେତୃତ୍ୱରେ ବନକର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରାଯାଇଥିଲେ ବି ପବନର ପ୍ରଖରତା ପାଇଁ ତାହା କମିବା ବଦଳରେ ବଢ଼ିବାରେ ଲାଗିଥିଲା। ଗ୍ରାମବାସୀ ଓ ଅଗ୍ନିଶମ ବିଭାଗ ସହାୟତାରେ ୨ ଘଣ୍ଟା ପରିଶ୍ରମ ପରେ ନିଆଁ ଆୟତ୍ତ ହୋଇଥିଲା। ନିଆଁ ଲାଗିବାର କାରଣ ସମ୍ପର୍କରେ ରେଞ୍ଜର ସଞ୍ଜୀବ କୁମାର ରାଉତ କହିଛନ୍ତି, ଲୋକମାନେ ଅଧାକଟା ନଡ଼ାରେ ନିଆଁ ଲଗାଉଥିବା ଓ ମହୁଲ ସଂଗ୍ରହ ପାଇଁ ଗଛମୂଳରେ ନିଆଁ ଲଗାଉଥିବାରୁ ଏହି ପରିସ୍ଥିତି ହୋଇଛି। ନିଆଁ ନ ଲଗାଇବା ପାଇଁ ଆମେ ଲୋକଙ୍କୁ ଅନୁରୋଧ କରୁଛୁ। ଏହି କାମରୁ ବିରତ ନ ହେଲେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଚାରରେ ବିରାଜିତ ଦିଅଁଙ୍କୁ ଦର୍ଶନ

## ଐତିହାସିକ ପତିରାଜପୁର ମେଳା

**ଖଇରା, ୩୦।୩(ଡି.ଏନ.ଏ.)**

କରୋନାକୁ ନେଇ ସାରା ବିଶ୍ୱ ଆତଙ୍କିତ। ଏଭଳି ସ୍ଥିତିରେ ବାଲେଶ୍ୱର ଜିଲାର ଖଇରାଠାରେ ୩ଶହ ବର୍ଷ ଧରି ପାଳିତ ହୋଇ ଆସୁଥିବା ଦୋଳ ମେଳା ଭକ୍ତଶୂନ୍ୟ ହୋଇଯିବା ବୋଲି ଆଶଙ୍କା କରାଯାଉଥିଲା। ଦୂରଦୂରାନ୍ତରୁ ବ୍ୟବସାୟୀମାନେ ଆସି ନ ଥିଲେ ହେଁ ଚଳିତବର୍ଷ କାର୍ଯ୍ୟକ୍ରମରେ କିଛିଟା ପରିବର୍ତ୍ତନ ଦେଖିବାକୁ ମିଳିଥିଲା।

ଦୋଳପୂର୍ଣ୍ଣମୀ ରାତିରେ ଦୋଳ ବିମାନମଣ୍ଡପକୁ ପ୍ରବେଶ କରିବା ପରିବର୍ତ୍ତେ ପ୍ରତ୍ୟୁଷରୁ ବିମାନଗୁଡିକର ଆଗମନ ଆରମ୍ଭ ହୋଇଥିଲା। ଖୋଳ କରତାଳ ଭଜନ କୀର୍ତ୍ତନ ଧ୍ୱନିରେ ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଦ୍ୱାରା ଦେଇ ସୁସଜ୍ଜିତ ରାଧାକୃଷ୍ଣ ବିମାନଗୁଡିକ ଚାରରେ ବିରାଜମାନ ହୋଇଥିଲେ। ଡିଜେ ମାଇକ ଆଦି ଶବ୍ଦ ପ୍ରଦୂଷଣକାରୀ ଯନ୍ତ୍ର ଉପରେ କଟକଣା ଥିବାରୁ ଭକ୍ତମାନେ ସୁରୁଖୁରରେ ମଣ୍ଡପ ଭିତରେ ପ୍ରବେଶ କରି ସେମାନଙ୍କର ଆରାଧ୍ୟ ଦିଅଁଦେବତାଙ୍କୁ ଦର୍ଶନ କରିଥିଲେ। ମେଳା କମିଟି, ମନୋଜ କୁମାର ସ୍ୱାଇଁ, ଗୋଲକ ପ୍ରସାଦ ସାମଲ ତଥା ସର୍ବୋପରି ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀଙ୍କ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଚଳିତବର୍ଷ ଭେଟି ପ୍ରଦାନ ବ୍ୟବସ୍ଥା କରାଯାଇଥିଲା। ମରୁତ କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ପାଳକ, ରାଧାକାନ୍ତ ମିଶ୍ର,ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବାଳକୃଷ୍ଣ ଦାଶ, ପର୍ଶୁରାମ ମହାପାତ୍ରଙ୍କ ଦ୍ୱାରା ଠାକୁରଙ୍କ ନୀତି ସମ୍ପନ୍ନ ହୋଇଥିଲା। ଖଇରା ଥାନା ଆଇଆଇସି ସୁବ୍ରତ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ପୋଲିସ ଟିମ୍ ଭିଡକୁ ନିୟନ୍ତ୍ରଣ କରିଥିଲା। ମେଳା କମିଟି ସଭାପତି ପିତାମ୍ବର ପଟ୍ଟନାୟକ, ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ, ସମ୍ପାଦକ ଗୌରାଙ୍ଗ ପାଣି, ରମେଶ ଚନ୍ଦ୍ର ଘଡେଇ, ଭୀଷ୍ମ ଚରଣ ନାୟକ, କ୍ଷେତ୍ର ମୋହନ ଖଟୁଆ, ଶିଶିର ସାମଲ, ପ୍ରଦୀପ ସାମଲଙ୍କ ସମେତ ସମସ୍ତ ସଦସ୍ୟ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।


ଭକ୍ତମାନେ ଦିଅଁଙ୍କୁ ଦର୍ଶନ କରୁଛନ୍ତି।

# ରାଧାକୃଷ୍ଣଙ୍କ ହୋଲି ମେଳଣ

**ଭଦ୍ରକ ଅଫିସ,୩୦।୩**

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ଦୋଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କୋଭିଡ୍ କଟକଣା କାରଣରୁ କେବଳ ବିଧିରକ୍ଷା ପାଇଁ ଦୋଳ ମେଳଣ ଅନୁଷ୍ଠିତ ହୋଇଥିଲା। ମୁଖ୍ୟତଃ ତିହିଡ଼ି, ବାସୁଦେବପୁର, ଧାମନଗର, ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଗାଁରେ ଏକାଧିକ ଦିନ ପର୍ଯ୍ୟନ୍ତ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବହୁ ବର୍ଷ ଧରି ହୋଇ ଆସୁଥିବା ଭଦ୍ରକ ସହରର ଗବସାହି ହୋଲି ମେଳଣ ଉତ୍ସବ ସ୍ଥାନୀୟ ଦୁର୍ଗାମଣ୍ଡପରେ ସମ୍ପନ୍ନ ହୋଇଛି। ୫୦ରୁ ଊର୍ଦ୍ଧ୍ୱ ରାଧାକୃଷ୍ଣଙ୍କ ବିମାନ ଶୋଭାଯାତ୍ରାରେ ଆସି ମେଳଣ ମଣ୍ଡପରେ ପହଞ୍ଚିଥିଲା। ଭଦ୍ରକ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରୁ ଠାକୁର ବିମାନ ସବୁ ମେଳଣ ମଣ୍ଡପଠାରେ ପହଞ୍ଚିବା ପରେ ମେଳଣ କମିଟି ପକ୍ଷରୁ ବିମାନସବୁକୁ ବନ୍ଦାପନା କରି ପାଛୋଟି ଅଣାଯାଇଥିଲା। ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ରାଧାକୃଷ୍ଣଙ୍କ ହୋଲି ଗୀତ ଓ କୀର୍ତ୍ତନ ଗାନ କରାଯାଇଥିଲା।

# ହେଲ୍‌ମେଟ ଚେକିଂ ବେଳେ ପୋଲିସ ମାଡ଼ରେ ଯୁବକ ଆହତ

**ଠାକୁରମୁଣ୍ଡା,୩୦।୩(ଡି.ଏନ.ଏ.)**

ହେଲମେଟ, ମାସ୍କ ଚେକିଂ ସମୟରେ ପୋଲିସ ଲାଠି ମାଡ଼ରେ ଜଣେ ବାଇକ୍ ଚାଳକ ଆହତ ହୋଇଥିବା ଅଭିଯୋଗ ହୋଇଛି। ପ୍ରତିବାଦରେ ଉତ୍ୟକ୍ତ ଲୋକେ ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଘେରାଉ କରିଥିଲେ। ଏନେଇ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ କନଷ୍ଟେବଲ ଆର.କେ. ସିଂଙ୍କୁ ନିଲମ୍ବିତ କରିଥିବା ବେଳେ ଡ୍ରାଇଭର ମାନସ ସ୍ୱାଇଁଙ୍କୁ କାର୍ଯ୍ୟରୁ ଅନ୍ତର କରିଛନ୍ତି। କରଞ୍ଜିଆ ସାହାରପଡ଼ା ବାଇପାସ୍ ଛକରେ ପୋଲିସ ପକ୍ଷରୁ ସୋମବାର ହେଲମେଟ ଓ ମାସ୍କ ଚେକିଂ ଚାଲିଥିଲା। ଏହି ସମୟରେ କରଞ୍ଜିଆର ଏସ.କେ.ଆଲତମାସ ନାମକ ଜଣେ ବାଇକ୍ ଚାଳକଙ୍କୁ ପୋଲିସ କର୍ମଚାରୀ ଲାଠିରେ ପିଟି ଦେବାରୁ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଥାନା ଘେରାଉ କରିଥିଲେ।


## ସର୍ବସାଧାରଣ ଘୋଷଣା

(ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ପରିସମାପନ ପ୍ରକ୍ରିୟା) ରେଗୁଲେଶନ୍ସ, ୨୦୧୬ର ରେଗୁଲେଶନ୍ ୩୨ ଓ ୩୩ ଅଧୀନରେ)

**ସମ୍ପର୍କିତ ବିବରଣୀ**

| | | |
|---|---|---|
| ୧ | କର୍ପୋରେଟ୍ ଋଣୀଙ୍କ ନାମ | **ମା' ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍** |
| ୨ | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ଡିସେମ୍ବର ୧୫, ୨୦୦୮ |
| ୩ | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ – କଟକ |
| ୪ | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୪୦୧୦୨ଓଆର୍୨୦୦୮ପିଏଲ୍‌ସି୦୧୦୫୦୧ |
| ୫ | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | **ପଞ୍ଜୀକୃତ କାର୍ଯ୍ୟାଳୟ:** ସିଏଡିଡି ସେଣ୍ଟର ବିଲ୍ଡିଂ, ୨ୟ ମହଲା, ପ୍ରେସ୍ ଛକ, ମଧୁପାଟଣା, କଟକ, ଓଡ଼ିଶା – ୭୫୩୦୧୦ **କାରଖାନା ଅବସ୍ଥିତି:** ବଇଁତୁଆ, ଟାଙ୍ଗୀ, କଟକ– ୭୫୪୦୨୨, ଓଡ଼ିଶା |
| ୬ | କର୍ପୋରେଟ୍ ଋଣୀଙ୍କ ପରିସମାପନ ଆରମ୍ଭ ତାରିଖ | ଜୁନ୍ ୨୫, ୨୦୧୯ |
| ୭ | ପରିସମାପକଙ୍କ ନାମ, ଠିକଣା, ଇମେଲ୍ ଠିକଣା, ଟେଲିଫୋନ ନମ୍ବର ଏବଂ ପଞ୍ଜୀକରଣ ନମ୍ବର | **ନାମ: ପଙ୍କଜ ଧାନୁକା** ଆଇବିବିଆଇ ସହିତ ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬ ପଞ୍ଜୀକୃତ ଇମେଲ୍ ଠିକଣା: pankajdhanuka@gmail.com ଟେଲିଫୋନ୍: +୯୧ ୯୮୩୦୦ ୧୮୧୨୮ **ପଞ୍ଜୀକରଣ ନଂ.:** ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧ **ଯୋଗାଯୋଗ ଠିକଣା:** ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ – ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ – ଇପି ଏବଂ ଜିପି, ସେକ୍ଟର – ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧ ଯୋଗାଯୋଗ ଇମେଲ୍ ଠିକଣା: inmtpclip@deloitte.com |
| ୮ | ଇ-ନିଲାମର ତାରିଖ | **ନିଲାମ ଆରମ୍ଭ ତାରିଖ ଓ ସମୟ: ଏପ୍ରିଲ ୨୨, ୨୦୨୧ @ ପୂ. ୧୧.୦୦ ଘ. ନିଲାମ ସମାପ୍ତିର ତାରିଖ ଓ ସମୟ: ଏପ୍ରିଲ ୨୨, ୨୦୨୧ @ ଅ. ୦୪.୩୦ ଘ.** |
| ୯ | ପ୍ରକ୍ରିୟା ଦସ୍ତାବିଜ୍ ହାସଲର ପଦ୍ଧତି | ନିଲାମ ପ୍ରକ୍ରିୟାର ସବିଶେଷ ନିୟମ ଓ ସର୍ତ୍ତାବଳୀ ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ଅଟେ, ଯାହାକୁ ବିଡରମାନେ inmtpclip@deloitte.comକୁ ଇମେଲ୍ ଅନୁରୋଧ ପଠାଇ ହାସଲ କରିପାରିବେ। |
| ୧୦ | ପ୍ରକ୍ରିୟା ଦସ୍ତାବିଜ ହାସଲର ଶେଷ ତାରିଖ | ଏପ୍ରିଲ ୨୦, ୨୦୨୧ |
| ୧୧ | ନିଲାମ ପ୍ରକ୍ରିୟାର ବିଷୟବସ୍ତୁ | କର୍ପୋରେଟ୍ ଋଣୀଙ୍କୁ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା |
| ୧୨ | ବିଡ୍ ଦାଖଲର ପଦ୍ଧତି | ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ, ଯାହା କର୍ପୋରେଟ୍ ଋଣୀଙ୍କ ପରିସମାପକଙ୍କ ଦ୍ୱାରା ଜାରି ହେବ। |
| ୧୩ | ବିକ୍ରୟ ମାଧ୍ୟମ | ବିକ୍ରୟ ମାଧ୍ୟମ ହେଉଛି ଖୋଲା ଇ-ନିଲାମ, ଯେଉଁଠାରେ ବିଡରମାନେ ଖୋଲା ସମୟ ଅବଧି ମଧ୍ୟରେ ଅନ୍ୟାନ୍ୟ ବିଡରମାନଙ୍କର ପ୍ରତିଯୋଗିତାମୂଳକ ବିଡ୍ ଦେଖିପାରିବେ। କର୍ପୋରେଟ୍ ଋଣୀଙ୍କୁ ଏକ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା 'ଯେପରି ଅଛି ଯେଉଁଠାରେ ଅଛି' ଭିତ୍ତିରେ କରାଯିବ ଏବଂ କର୍ପୋରେଟ୍ ଋଣୀଙ୍କ ଅଥବା ପରିସମାପକଙ୍କ ଦ୍ୱାରା କୌଣସି ପ୍ରତିନିଧିତ୍ୱ, ୱାରେଣ୍ଟି ଅଥବା କ୍ଷତିପୂରଣ ଦିଆଯିବ ନାହିଁ। |
| ୧୪ | ସଂରକ୍ଷିତ ମୂଲ୍ୟ | ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ଏହି ଇ-ନିଲାମ ସଞ୍ଚାଳନ ଉଦ୍ଦେଶ୍ୟରେ ସଂରକ୍ଷିତ ମୂଲ୍ୟକୁ **ଆଇଏନ୍‌ଆର୍ ୪୫ କୋଟି** ଭାବେ ନିର୍ଦ୍ଧାରଣ କରାଯାଇଛି। |
| ୧୫ | ଅମାନତ ରାଶି ଜମାର ଆବଶ୍ୟକତା | କମ୍ପାନୀ ଏବଂ ଏକ ଚାଲୁ ବ୍ୟବସାୟ ଭାବେ ଏହାର ବ୍ୟବସାୟକୁ ଅଧିଗ୍ରହଣ କରିବା ନିମନ୍ତେ ବିଡ୍ କରିବା ପାଇଁ ବିଡର(ମାନ)ଙ୍କୁ **ଆଇଏନ୍‌ଆର୍ ୫୦ ଲକ୍ଷ**ର ଅମାନତ ରାଶି ଜମା (''ଇଏମ୍‌ଡି'') ଦାଖଲ କରିବାକୁ ହେବ। |

